# ଧାନର ସହାୟକ ମୂଲ୍ୟ ୧୮୬୮ ଟଙ୍କା

## ■ ୧୪ ଖରିଫ୍ ଫସଲର ଏମ୍‌ଏସ୍‌ପି ବୃଦ୍ଧି
## ■ ଏମ୍‌ଏସ୍‌ଏମ୍‌ଇ ଲାଗି ୨୦ ହଜାର କୋଟି

**ନୂଆଦିଲ୍ଲୀ, ୧୬/ଏଜେନ୍ସି :**



ମୋଦୀ ସରକାରର ଦ୍ୱିତୀୟ ପାଳିର ଦ୍ୱିତୀୟ ବର୍ଷରେ ସୋମବାର ପ୍ରଥମ କ୍ୟାବିନେଟ୍ ବୈଠକ ବସି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଧାନ ସମେତ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି) ବୃଦ୍ଧି କରାଯିବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମଇ) ଲାଗି ୨୦ ହଜାର କୋଟିର ସହାୟକ ଋଣ ପ୍ରଦାନ ପାଇଁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ବସି ଏହି ନିଷ୍ପତ୍ତି ନିଆଯିବା ପରେ ୩ ଜଣ ମନ୍ତ୍ରୀ ନିତିନ ଗଡକରି, ନରେନ୍ଦ୍ର ସିଂ ତୋମାର ଓ ପ୍ରକାଶ ଜାଭେଦକର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସଙ୍କଟଜନକ ସମୟ ଦେଇ ଗତିକରୁଥିବା ଚାଷୀମାନଙ୍କୁ ସହାୟତା କରିବାକୁ କେନ୍ଦ୍ର ସରକାର ସୋମବାର ୧୪ଟି ଖରିଫ ଫସଲର ଏମଏସ୍‌ପି ବା ସର୍ବନିମ୍ନ ସହାୟକ ଦର ୫୦ରୁ ୮୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ପରେ ୨୦୨୦-୨୧ ପାଇଁ ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୧୮୬୮ ଟଙ୍କାକୁ ବୃଦ୍ଧି ପାଇଛି, ଜଓ୍ୱାର କ୍ୱିଣ୍ଟାଲ ପିଛା ୨୦୨୦ ଓ ବାଜରା କ୍ୱିଣ୍ଟାଲ ପିଛା ୨୧୫୦ ଟଙ୍କାକୁ ବୃଦ୍ଧି ପାଇଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ସେହିପରି ମାଣ୍ଡିଆ, ବାଦାମ, ମୁଗ, ସୋୟାବିନ୍, ରାଶି ଓ କପାର ଏମଏସ୍‌ପି ୫୦ ପ୍ରତିଶତ ଲେଖାଏଁ ବଢ଼ିଛି ବୋଲି ସେ କହିଛନ୍ତି।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଦେଶର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଗୁଡିକର ଉର୍ଦ୍ଧାର ଲାଗି ୨୦ ହଜାର କୋଟି ଟଙ୍କା ଏକ ବଡ ଯୋଜନା ସରକାର ହାତକୁ ନେଇଛନ୍ତି। ସରକାର ଏମଏସ୍‌ଏମଇ ସଂସ୍ଥାର ବ୍ୟାଖ୍ୟାରେ ପରିବର୍ତ୍ତନ ଆଣିଛନ୍ତି। ସେହିପରି ଉଠାଦୋକାନୀମାନଙ୍କୁ ୧୦ ହଜାର ଟଙ୍କା ଋଣ ପ୍ରଦାନ କରିବା ଲାଗି କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି।